# ଡ. ଅନୀଲ ବଜାଜ୍

## ବନାମ

## ସ୍ନାତକୋତ୍ତର ମେଡିକାଲ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଏବଂ ଅନ୍ୟଜଣେ

## ଜାନୁଆରୀ 21, 2002

## [ବି.ଏନ୍. କିର୍ପାଲ୍, କେ.ଜି. ବାଲକ୍ରିଷ୍ଣନ୍ ଏବଂ ଅରିଜିତ ପଶାୟତ, ନ୍ୟାୟମୂର୍ତ୍ତିବୃନ୍ଦ]

*ସେବା ଆଇନ:*

*ମୂଳ ପଦବୀକୁ ବଜାୟ ରଖିବା ଅଧିକାର - ସ୍ନାତକୋତ୍ତର ମେଡିକାଲ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର କର୍ମଚାରୀ - ବିଦେଶରେ ନିଯୁକ୍ତି ପାଇଁ ଅନୁମତି ପ୍ରଦାନ - ମାର୍ଗଦର୍ଶିକା ଅନୁଯାୟୀ କର୍ମଚାରୀଙ୍କ ଦ୍ୱାରା ଏକ ଅଙ୍ଗୀକାରନାମା ଆବଶ୍ୟକ ଥିଲା ଯେ ସେ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବେ - ଅନୁମତି ପ୍ରଦାନ କରୁଥିବା କାର୍ଯ୍ୟାଳୟ ଆଦେଶରେ ଉଲ୍ଲେଖ ଅଛି ଯେ ଯଦି ଅପିଲକାରୀ କାର୍ଯ୍ୟରେ ଯୋଗ ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କର ମୂଳ ପଦବୀକୁ ବଜାୟ ରଖିବା ଅଧିକାର ସ୍ୱତଃପ୍ରବୃତ୍ତ ଭାବେ ଶେଷ ହୋଇଯିବ ଏବଂ ସେ ସ୍ଥାୟୀ ଭାବେ ଅନୁଷ୍ଠାନ ତ୍ୟାଗ କରିଛନ୍ତି ବୋଲି ବିବେଚନା କରାଯିବ - କର୍ମଚାରୀ ନିଜ ଅଙ୍ଗୀକାର ଅନୁଯାୟୀ କାର୍ଯ୍ୟରେ ଯୋଗ ନ ଦେବା - ସମୟସୀମା ବୃଦ୍ଧି ନିମନ୍ତେ ତାଙ୍କର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା — ନିଜର ସେବା ସମାପ୍ତିକୁ ଆପତ୍ତି କରି କର୍ମଚାରୀଙ୍କ ଦ୍ୱାରା ଦାୟର ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଥିଲେ — ନିର୍ଣ୍ଣୟ ନିଆଗଲା ଯେ, ଏହି ମାମଲାରେ ବିବନ୍ଧ ସିଦ୍ଧାନ୍ତର ପ୍ରଯୁଜ୍ୟ ହେବ - ଜଣେ ବ୍ୟକ୍ତି ଯିଏ ଏକ ସର୍ତ୍ତ ଅଧୀନରେ ସୁବିଧା ପାଆନ୍ତି, ସେ ପରବର୍ତ୍ତୀ ସମୟରେ ଉକ୍ତ ସର୍ତ୍ତକୁ ଆପତ୍ତି କରିପାରିବେ ନାହିଁ — ଆଜ୍ଞାଦେଶ ଆବେଦନକୁ ଖାରଜ କରିବା କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟ ସଠିକ ଥିଲେ — ବିବନ୍ଧ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 608/2001 ।

ଦେୱାନୀ ଆଜ୍ଞାଦେଶ ସଂଖ୍ୟା 13570/1999 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ 23.9.99 ତାରିଖର ରାୟ ଏବଂ ଆଦେଶ ବିରୁଦ୍ଧରେ ।

ଅପିଲକାରୀଙ୍କ ତରଫରୁ ଆର୍.ଏଲ୍. ବଗ୍ଗା, ଏସ୍.କେ. ପୁରୀ, ଉଜ୍ଜ୍ୱଳ ବାନାର୍ଜୀ, ସୁଶ୍ରୀ ଅନିନ୍ଦିତା ଗୁପ୍ତା ଏବଂ ଏଚ୍.କେ. ପୁରୀ ।

ଉତ୍ତରଦାତାମାନଙ୍କ ତରଫରୁ ମେସର୍ସ କେ.ଏଲ୍. ମେହେଟ୍ଟା ଏବଂ କମ୍ପାନୀ ପାଇଁ ଡି.ଏସ୍. ନେହରା, ସୁଶ୍ରୀ ଶୋଭା, ଧ୍ରୁବ ମେହେଟ୍ଟା, ସୁଶ୍ରୀ ଅନୁ ମେହେଟ୍ଟା ଏବଂ ଏସ୍.କେ. ମେହେଟ୍ଟା ।

ନ୍ୟାୟାଳୟଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା:

ବିଶେଷ ଅନୁମତି ମଞ୍ଜୁର କରାଗଲା ।

ଉଭୟ ପକ୍ଷର ଅଧିବକ୍ତାଙ୍କ ଯୁକ୍ତିକୁ ଶୁଣିବା ପରେ, ଆମର ମତ ହେଉଛି ଯେ ଅପିଲକାରୀଙ୍କୁ କୌଣସି ପ୍ରତିକାର ପ୍ରଦାନ କରାଯାଇପାରିବ ନାହିଁ । ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ମାର୍ଗଦର୍ଶିକା ଅନୁଯାୟୀ, ଆବେଦନକାରୀଙ୍କୁ ବିଦେଶରେ ନିଯୁକ୍ତି ପାଇଁ ଯିବାକୁ ଅନୁମତି ଦିଆଯାଇଥିଲା । ମାର୍ଗଦର୍ଶିକା ଅନୁଯାୟୀ ଏକ ଅଙ୍ଗୀକାରନାମା ଦାଖଲ କରିବା ଆବଶ୍ୟକ ଥିଲା ଯେ ସେ ଦୁଇ ବର୍ଷ ମଧ୍ୟରେ କାର୍ଯ୍ୟରେ ଯୋଗ ଦେବେ । ଅପିଲକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଏହା ଦର୍ଶାଯାଇଛି ଯେ ଏପରି କୌଣସି ଅଙ୍ଗୀକାରନାମା ପ୍ରଦାନ କରାଯାଇ ନଥିଲା । ଯାହା ହେଉ ନା କାହିଁକି, ନଥିପତ୍ରରେ 13 ଜାନୁଆରୀ, 1995 ତାରିଖର ଏକ ଆଦେଶ ରହିଛି, ଯାହା ଅପିଲକାରୀଙ୍କୁ ଓମାନରେ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ଅନୁମତି ପ୍ରଦାନ କରୁଛି । ଏହା ଏକ ପୂର୍ବବର୍ତ୍ତୀ ପ୍ରଭାବ ପକାଉଥିବା ଅନୁମତି ବୋଲି ମନେହୁଏ, କାରଣ ଅପିଲକାରୀ 1994 ମସିହା ସେପ୍ଟେମ୍ବର 27 ତାରିଖରୁ ଦୁଇ ବର୍ଷ ପାଇଁ ଯାଇସାରିଥିଲେ । ଅନୁମତି ପ୍ରଦାନ କରୁଥିବା ଏହି କାର୍ଯ୍ୟାଳୟ ଆଦେଶର ଅନୁଚ୍ଛେଦ 2 ରେ ଉଲ୍ଲେଖ ଅଛି ଯେ ଯଦି ଅପିଲକାରୀ ଚଣ୍ଡୀଗଡ଼ରେ କାର୍ଯ୍ୟରେ ଯୋଗ ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କର ମୂଳ ପଦବୀକୁ ବଜାୟ ରଖିବା ଅଧିକାର ସ୍ୱତଃପ୍ରବୃତ୍ତ ଭାବେ ଶେଷ ହୋଇଯିବ ଏବଂ ମୂଳ ତାରିଖ ଠାରୁ ସେ ସ୍ଥାୟୀ ଭାବେ ଅନୁଷ୍ଠାନ ତ୍ୟାଗ କରିଛନ୍ତି ବୋଲି ବିବେଚନା କରାଯିବ ।

ଏହା ଏକ ସ୍ୱୀକୃତ ତଥ୍ୟ ଯେ ଅପିଲକାରୀ 1998 ମସିହା ପରେ ମଧ୍ୟ ଫେରି ନଥିଲେ । ଏହା ମଧ୍ୟ ଏକ ସ୍ୱୀକୃତ ତଥ୍ୟ ଯେ ସମୟସୀମା ବୃଦ୍ଧି ପାଇଁ କରିଥିବା ତାଙ୍କର ଅନୁରୋଧକୁ 1997 ମସିହାରେ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଏହି ସ୍ଥିତିରେ, ଅନ୍ୟ କୌଣସି ବିଷୟ ବ୍ୟତୀତ, ଏହିପରି ମାମଲାରେ ବିବନ୍ଧ ନୀତିର ସ୍ପଷ୍ଟ ଭାବେ ପ୍ରଯୁଜ୍ୟ ହେବ । ଜଣେ ବ୍ୟକ୍ତି ଯିଏ ଏକ ସୁବିଧା ପାଇଛନ୍ତି, ଅର୍ଥାତ୍ ଦୁଇ ବର୍ଷ ମଧ୍ୟରେ ଫେରିବା ସର୍ତ୍ତରେ ବିଦେଶରେ ଚାକିରି ପାଇଁ ଯିବାର ଅନୁମତି, ଏବଂ ଯଦି ସେ ଫେରି ନ ଆସନ୍ତି, ତେବେ ତାଙ୍କର ମୂଳ ପଦବୀକୁ ବଜାୟ ରଖିବା ଅଧିକାର ସ୍ୱତଃପ୍ରବୃତ୍ତ ଭାବେ ସମାପ୍ତ ହୋଇଯିବ ବୋଲି ବିବେଚନା କରାଯିବ, ସେ ପରବର୍ତ୍ତୀ

ସମୟରେ ଉକ୍ତ ସର୍ତ୍ତକୁ ଆପତ୍ତି କରିପାରିବେ ନାହିଁ ଯେଉଁ ଆଧାରରେ ତାଙ୍କୁ ବିଦେଶ ଯିବାକୁ ଅନୁମତି ଦିଆଯାଇଥିଲା । ଅବଶ୍ୟ, ଯଦି ସେ ପ୍ରକୃତରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରିଥିଲେ କିମ୍ବା ସମୟସୀମା ସ୍ପଷ୍ଟ ଭାବେ ବୃଦ୍ଧି କରାଯାଇଥିଲା ସେ ସମ୍ବନ୍ଧରେ କୌଣସି ବିବାଦ ଥାଏ, ତେବେ ଏକ ତଦନ୍ତ ଆବଶ୍ୟକ ହୋଇପାରେ, କିନ୍ତୁ ଯେଉଁଠାରେ ତଥ୍ୟଗୁଡ଼ିକ ବିବାଦୀୟ ନୁହେଁ, ସେଠାରେ ତଦନ୍ତ କେବଳ ଏକ କାଗଜପତ୍ରର ଆନୁଷ୍ଠାନିକତା ହୋଇ ରହିଯିବ । ଯେକୌଣସି ପରିସ୍ଥିତିରେ ବିବନ୍ଧ ନୀତିର ସ୍ପଷ୍ଟ ଭାବେ ପ୍ରଯୁଜ୍ୟ ହେବ ଏବଂ ଅପିଲକାରୀଙ୍କ ଦ୍ୱାରା ଦାୟର ଆଜ୍ଞାଦେଶ ଆବେଦନ, ଯେଉଁଥିରେ ସେ ନିଜର ସେବା ସମାପ୍ତିକୁ ଆପତ୍ତି କରିଥିଲେ, ତାହାକୁ ଖାରଜ କରିବାରେ ଉଚ୍ଚ ନ୍ୟାୟାଳୟ ସଠିକ ଥିଲେ ।

ତଦନୁସାରେ, ଅପିଲଟିକୁ ଖାରଜ କରାଯାଉଛି ।

ଆର୍.ପି. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**